ଦେଶ ବନ୍ଦନା

ବନ୍ଦେ ଉତ୍କଳ ଜନନି ।
ଚାରୁ ହାସମୟି ଚାରୁ ଭାଷମୟି
ଜନନି, ଜନନି, ଜନନି ।।
ପୂତ-ପୟୋଧି -ବିଧୌତ -ଶରୀରା |,
ତାଳ-ତମାଳ-ସୁଶୋଭିତ-ତୀରା |,
ଶୁଭ୍ର ତଟିନୀକୂଳ-ଶୀକର -ସମୀରା
ଜନନି, ଜନନି, ଜନନି ।।
ଗନ ବନ ଭୂମି ରାଜିତ ଅଙ୍ଗେ,
ନୀଳ ଭୂଧରମାଳା ସାଜେ ତରଙ୍ଗେ,
କଳ କଳ ମୁଖରିତ ଚାରୁ ବିହଙ୍ଗେ
ଜନନି, ଜନନି, ଜନନି ।।
ସୁନ୍ଦରଶାଳି -ସୁଶୋଭିତ କ୍ଷେତ୍ରା,
ଜ୍ଞାନ ବିଜ୍ଞାନ-ପଦର୍ଶିତ-ନେତ୍ରା,
ଯୋଗି-ରୁଷି ଗଣ -ଉଟଜ - ପବିତ୍ରା
ଜନନି, ଜନନି, ଜନନି ।।
ସୁନ୍ଦର-ମନ୍ଦିର-ମଣ୍ଡିତ -ଦେଶା,
ଚାରୁକଳା ବଳି -ଶୋଭିତ -ବେଶା|,
ପୁଣ୍ୟ -ତୀର୍ଥଚୟ - ପୂର୍ଣ-ପ୍ରଦେଶା
ଜନନି, ଜନନି, ଜନନି ।।
ଉତ୍କଳ -ସୁରବର -ଦର୍ପିତ -ଗେହା,
ଆରିକୁଳ -ଶୋଣିତ - ଚର୍ଚ୍ଚିତ - ଦେହ।,
ବିଶ୍ୱଭୂମଣ୍ଡଳ କୃତବର -ସ୍ନେହ।,
ଜନନି, କନନି, ଜନନି ।।
କବିକୁଳ-ମୌଳି-ସୁନନ୍ଦନ-ବନ୍ଦ୍ୟା,
ଭୁବନ-ବିଘୋଷିତ-କୀର୍ତ୍ତି ଅନିନ୍ଦ୍ୟା,
ଧନ୍ୟେ, ପୁଣ୍ୟେ, ଚିରଶରଣ୍ୟେ
ଜନନି, ଜନନି, ଜନନି ।।